ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

# ଡିସେମ୍ବରରୁ ଆଜି ସୁଦ୍ଧା କଲ୍‌ସେଣ୍ଟରରୁ ୪୩୨୩୨ ଜଣ ଚାଷୀଙ୍କ ସହିତ ଫୋନ ଯୋଗେ ସଂପର୍କ

ଭୁବନେଶ୍ୱର, ୧୩/୦୨/୨୦୨୦

ରାଜ୍ୟରେ ବ୍ୟାପକ ପରିବର୍ତ୍ତନ ଆଣିବା ପାଇଁ ୫ 'ଟି' କାର୍ଯ୍ୟକ୍ରମ ଅଧୀନରେ 'ମୋ ସରକାର' ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହୋଇଥିବାବେଳେ ଜନସାଧାରଣଙ୍କ ସହ ଫୋନ୍ ଯୋଗେ ସିଧାସଳଖ କଥାବାର୍ତ୍ତା କରାଯାଇ ଧାନ ସଂଗ୍ରହ ବ୍ୟବସ୍ଥା ସଂପର୍କରେ ମତାମତ ସଂଗ୍ରହ କରାଯାଉଛି । ଡିସେମ୍ବର ୧ରୁ ଆଜି ମଧ୍ୟରେ କଲ୍‌ସେଣ୍ଟର ଜରିଆରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଅଧିକାରୀମାନେ ରାଜ୍ୟର ୪୩ ହଜାର ୨୩୨ ଜଣ ଚାଷୀଙ୍କ ସହିତ ସିଧାସଳଖ ଫୋନ ଯୋଗେ କଥା ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୪୨,୨୦୭ ଜଣ ଚାଷୀ ନିର୍ଦ୍ଧାରିତ ସମୟରେ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ଧାନ ବିକ୍ରିଲବ୍ଧ ଅର୍ଥ ପାଇଥିବା କଥା କହିଥିଲେ । ସେହିପରି ୪୨,୯୨୨ ଜଣ ଚାଷୀ ଆଗୁଆ ଟୋକେନ୍ ପାଇଥିବାବେଳେ ୪୧ ହଜାର ୯୨୨ ଜଣ ଚାଷୀ ଧାନସଂଗ୍ରହ କେନ୍ଦ୍ରରେ ଆନୁଷଙ୍ଗିକ ବ୍ୟବସ୍ଥା ସଂପର୍କରେ ସନ୍ତୋଷ ପ୍ରକଟ କରିଛନ୍ତି ବୋଲି ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି ।

ମନ୍ତ୍ରୀ ଶ୍ରୀ ସ୍ୱାଇଁ ପ୍ରକାଶ କହିଛନ୍ତି ଯେ ଚାଷୀମାନଙ୍କଠାରୁ ସର୍ବନିମ୍ନ ସହାୟକ ମୂଲ୍ୟରେ ଧାନସଂଗ୍ରହ କାର୍ଯ୍ୟକୁ ସୁବ୍ୟବସ୍ଥିତ କରିବା ଉଦ୍ଦେଶ୍ୟରେ ବିଭାଗ ପକ୍ଷରୁ କଲ୍ ସେଣ୍ଟର ଜରିଆରେ ଜିଲ୍ଲାର ଚାଷୀମାନଙ୍କ ସହିତ ସିଧାସଳଖ କଥାବାର୍ତ୍ତା କରାଯାଉଛି । ଚଳିତ ଖରିଫ୍ ଧାନ ବିକ୍ରି ନିମନ୍ତେ ଅନ୍‌ଲାଇନ୍‌ରେ ଚାଷୀମାନଙ୍କର ପଞ୍ଜୀକରଣ ଏବଂ ଆଧାର ସଂଯୋଗ ସହିତ ପି-ପାସ୍ ଓ ଆଗୁଆ ଟୋକେନ୍ ପ୍ରଦାନ ବ୍ୟବସ୍ଥା ଧାନ କିଣାରେ ସ୍ୱଚ୍ଛତା ଆଣିବା ସହିତ ଏହା ଚାଷୀମାନଙ୍କ ଦ୍ୱାରା ଆଦୃତ ହୋଇପାରିଛି ।

ଓଡ଼ିଶା ରାଜ୍ୟ ଯୋଗାଣ ନିଗମ କାର୍ଯ୍ୟାଳୟରେ ଖୋଲାଯାଇଥିବା ସ୍ୱତନ୍ତ୍ର କଲ୍‌ସେଣ୍ଟର ଜରିଆରେ ରେଜିଷ୍ଟ୍ରିଭୁକ୍ତ ଚାଷୀମାନଙ୍କୁ ମୋବାଇଲ୍‌କୁ ଫୋନ୍ କରାଯିବା ସହିତ ଟୋଲ୍ ଫ୍ରି ନମ୍ବର ଯୋଗେ ସେମାନଙ୍କ ଅଭିଯୋଗ ମଧ୍ୟ ଗ୍ରହଣ କରାଯାଉଛି । ଧାନସଂଗ୍ରହ କେନ୍ଦ୍ରରେ ଚାଷୀମାନଙ୍କ ନିମନ୍ତେ କରାଯାଇଥିବା ବ୍ୟବସ୍ଥା, ଧାନ ବିକ୍ରିଲବ୍ଧ ଅର୍ଥ ସିଧାସଳଖ ଚାଷୀମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ପ୍ରେରଣ ଏବଂ ଆଗୁଆ ଟୋକେନ୍ ମିଳିଥିବା ସଂପର୍କରେ ଚାଷୀମାନଙ୍କୁ ନିୟମିତ ମୋବାଇଲ୍ ଯୋଗେ ମତାମତ ନିଆଯାଇ ଆବଶ୍ୟକୀୟ ବ୍ୟବସ୍ଥା ଗ୍ରହଣ କରାଯାଉଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି ।

ତାପସ କୁମାର ସାହା
ସୂଚନା ଅଧିକାରୀ